ମଙ୍ଗଳବାର, ୩୦ ଅଗଷ୍ଟ ୨୦୧୬

NITIDIN
ନିତିଦିନ

# ଆଜି ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ



**ଭୁବନେଶ୍ୱର, ୨୯।୮/ଏନ୍‌ଏନ୍‌ଏସ୍:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ଉତ୍ସବ ଆସନ୍ତାକାଲି ଅରୁଗୁଳସ୍ଥିତ କ୍ୟାମ୍ପସ୍ ପରିସରରେ ଆୟୋଜିତ ହେବାକୁ ଯାଉଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟାସନାଲ୍ ବୋର୍ଡ ଅଫ୍ ଆକ୍ରିଡେସନ୍‌ର ଅଧ୍ୟକ୍ଷ ଏବଂ ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ସୁରେନ୍ଦ୍ର ପ୍ରସାଦ ଯୋଗଦେବେ। ଏଥିସହିତ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣର୍‌ସର ଅଧ୍ୟକ୍ଷ ପଙ୍କଜ୍ ରମନ୍‌ଭାଇ ପଟେଲ୍ ସମ୍ମାନିତ

## ପ୍ରିୟମ୍‌ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ

ଅତିଥି ଭାବେ ଉପସ୍ଥିତ ରହିବେ। ଚଳିତ ବର୍ଷର ସମାବର୍ତ୍ତନ ଉତ୍ସବରେ ୭ ଜଣ ଡକ୍ଟରେଟ୍, ୫୫ଜଣ ଏମ୍‌ଟେକ୍, ୬୯ଜଣ ଏମ୍‌ଏସ୍‌ସି ଏବଂ ୧୧୦ଜଣ ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀରେ ସମ୍ମାନିତ କରାଯିବ। ସମଗ୍ର ଦେଶରେ ବିଟେକ୍ ଇଲେକ୍ଟ୍ରିକାଲ୍ ସାଇନ୍ସରେ ଉତ୍କୃଷ୍ଟ ରେଜଲ୍ଟ ପାଇଁ ଆଇଆଇଟି ଭବନେଶ୍ୱରର ଛାତ୍ର ପ୍ରିୟମ୍ ଦେ'ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜାକୁମାର କହିଛନ୍ତି।

ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ରାଜାକୁମାର କହିଛନ୍ତି ଯେ ଜୁଲାଇ ୨୦୧୪ରେ ସ୍ଥାପିତ ଅରୁଗୁଳସ୍ଥିତ କ୍ୟାମ୍ପସ୍‌କୁ ଉନ୍ନତମାନର କରିବାକୁ ଚେଷ୍ଟା ଚାଲିଛି। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ପାଇଁ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଅଧ୍ୟାପକମାନଙ୍କୁ ନିମନ୍ତ୍ରଣ କରାଯାଉଛି। ଗତ ବର୍ଷ ତୁଳନାରେ ଏଥର ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ଆଇଆଇଟି ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଛି। ସବୁଠାରୁ ଭଲ ପ୍ୟାକେଜ୍ ହେଉଛି ବାର୍ଷିକ ୬୦ ଲକ୍ଷ ଟଙ୍କା। ଗୋପାଳପୁରଠାରେ ନିର୍ମାଣ ହେବାକୁ ଯାଉଥିବା 'କୋଷ୍ଟାଲ୍ ଅବ୍‌ଜରଭେଟୋରୀ'ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶିକ୍ଷାନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଏକ କର୍ମଶାଳାର ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ।